# SAMPLE QUESTION PAPER FOR SUMMATIVE ASSESSMENT – II (2011-12)
# CLASS – IX
# SUBJECT – ODIA (013)
# SET – 1

**Time Allowed : 3 Hours** **Maximum Marks : 90**

ସୂଚନା :-

ଏହି ପ୍ରଶ୍ନ ପତ୍ରରେ ଯଥାକ୍ରମେ ଚାରୋଟି ବିଭାଗ ରହିଛି ।

| | | | | | | |
|---|---|---|---|---|---|---|
| (କ) | ପଠନ | - | Reading | - | 10 Marks |
| (ଖ) | ଲିଖନ | - | Writing | - | 20 Marks |
| (ଗ) | ବ୍ୟାକରଣ | - | Grammar | - | 15 Marks |
| (ଘ) | ସାହିତ୍ୟ | - | Literature | - | 45 Marks |

## 'କ' ବିଭାଗ / Section – 'A' (10 Marks)

**Q.1)** ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପାଠ କରି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । **(2 x 5 = 10)**

ଭାରତକୁ ଦ୍ରାବିଡ ଓ ଆର୍ଯ୍ୟମାନଙ୍କର ଆସିବାର ବହୁ ପୂର୍ବରୁ ଏ ଦେଶ ଆଦିମ ଅଧିବାସୀମାନଙ୍କର ଜନ୍ମଭୂମି ଏବଂ କ୍ରୀଡ଼ାସ୍ଥଳୀ ଥିଲା । ଉତ୍କଳଖଣ୍ଡରେ ଯେଉଁମାନେ ଆଜି ଆଦିବାସୀନାମରେ ଖ୍ୟାତ, ସେମାନେ ଭାରତର ସେହି ଆଦିମ ଅଧିବାସୀମାନଙ୍କର ବଂଶଧର । ଅନେକ ଦିନ ଧରି ଏହି ଆଦିବାସୀ ଜାତିର ଲୋକମାନଙ୍କୁ ଦ୍ରାବିଡ ନାମରେ ଆଖ୍ୟାତ କରାଯାଇଥିଲା । ଭାରତବର୍ଷର ସମଗ୍ର ଜନତାକୁ ପ୍ରଧାନତଃ ଦୁଇଭାଗରେ ବିଭକ୍ତ କରାଯାଉଥିଲା - ଆର୍ଯ୍ୟ ଓ ଅନାର୍ଯ୍ୟ । ଏହି ଅନାର୍ଯ୍ୟମାନଙ୍କୁ ଦ୍ରାବିଡ ଜାତିର ମନୁଷ୍ୟ ବୋଲି ବିଶ୍ୱାସ କରାଯାଉଥିଲା । କିନ୍ତୁ, ଅଧୁନା ଜାତିତତ୍ତ୍ୱବିଦ୍‌ମାନେ ନିର୍ଭୁଲଭାବେ ଜାଣିପାରିଛନ୍ତି ଯେ ଦ୍ରାବିଡମାନେ ସାନ୍ତାଳ, କନ୍ଧ ପ୍ରଭୃତି ଆଦିବାସୀ ଜାତିର ଲୋକ ନୁହନ୍ତି; ସେମାନେ ପରବର୍ତ୍ତୀ ଯୁଗର ଏକ ଉନ୍ନତ ସଭ୍ୟତାର ମନୁଷ୍ୟ । ମହେଞ୍ଜୋଦାରୋ ଏବଂ ହରପ୍ପାର ଧ୍ୱଂସାବଶେଷ ପୃଥିବୀ ଗର୍ଭରୁ ଆବିଷ୍କୃତ ହେବାପରେ ଦ୍ରାବିଡୀୟ ସଭ୍ୟତାର କୃତ ପରିଚୟ ମିଳିଛି ଏବଂ ସେ ସଭ୍ୟତା ଯେ ଅତି ଉନ୍ନତ ସ୍ତରର ସଭ୍ୟତା ଥିଲା ଏଥିରେ ସନ୍ଦେହ ନାହିଁ ।

ପ୍ରଶ୍ନାବଳୀ :-

(କ) କେଉଁମାନେ ଆଦିମ ଅଧିବାସୀମାନଙ୍କର ବଂଶଧର ?

(ଖ) ଆଦିବାସୀ ଜାତିର ଲୋକମାନଙ୍କୁ କେଉଁ ନାମରେ ଆଖ୍ୟାତ କରାଯାଇଥିଲା ?

(ଗ) ଭାରତବର୍ଷର ସମଗ୍ରଜନତାକୁ ପ୍ରଧାନତଃ କେତେ ଭାଗରେ ବିଭକ୍ତ କରାଯାଉଥିଲା ?

(ଘ) ଅଧୁନା ଜାତିତତ୍ତ୍ୱବିଦ୍‌ମାନେ କ'ଣ ଜାଣି ପାରିଛନ୍ତି ?

(ଙ) ଦ୍ରାବିଡୀୟ ସଭ୍ୟତାର କୃତ ପରିଚୟ କେଉଁ ସମୟରେ ମିଳିଲା ?

## 'ଖ' ବିଭାଗ / Section – 'B' (20 Marks)

**Q.2)** ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । **(12)**

(କ) ଟେଲିଭିଜନ ଓ ଛାତ୍ରସମାଜ ଉପରେ ଏହାର ପ୍ରଭାବ

(ଖ) ସମୟ ଓ ତା'ର ସଦୁପଯୋଗ

(ଗ) ଆଧୁନିକ ଜୀବନ ଓ ବିଜ୍ଞାନ

**Q.3)** ନବମ ଓ ଦଶମ ଶ୍ରେଣୀ ମଧ୍ୟରେ ଏକ ଦିନିକିଆ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା କରିବା ପାଇଁ ବିଦ୍ୟାଳୟର ମୁଖ୍ୟଙ୍କ ଅନୁମତି ନିମିତ୍ତ ଆବେଦନ ପତ୍ର ଲେଖ ।

କିମ୍ବା **(8)**

ତୁମ ଅଞ୍ଚଳରେ ହଇଜାରେ ପୀଡ଼ିତ ହୋଇ କିଛି ଲୋକ ମୃତ୍ୟୁବରଣ କଲେଣି । ତେଣୁ ହଇଜାର ପ୍ରତିଷେଧକ ବ୍ୟବସ୍ଥା ଯୋଗାଇ ଦେବାକୁ ଅନୁରୋଧ କରି ଜିଲ୍ଲା ସ୍ୱାସ୍ଥ୍ୟବିଭାଗକୁ ଏକ ଦରଖାସ୍ତ ଲେଖ ।

## 'ଗ' ବିଭାଗ / Section – 'C' (15 Marks)

**Q.4)** (କ) ବ୍ୟାସବାକ୍ୟ ସହ ସମାସର ନାମ ଲେଖ । (ଯେକୌଣସି ୫ଟିର) **(5)**

ପଦଚ୍ୟୁତ, ଯୁବକସଂଘ, ମନଗଢ଼ା, ଶତାବ୍ଦୀ, ଆୟବ୍ୟୟ, ଅଜଣା, କୁମ୍ଭକାର

(ଖ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖ । (ଯେକୌଣସି ୫ଟିର) **(5)**

ମେଘ, ସମୁଦ୍ର, ସିଂହ, ପକ୍ଷୀ, ପଦ୍ମ, ପବନ, ପାଣି

(ଗ) ଶବ୍ଦଗୁଡ଼ିକର ଗଠନରୀତି ଦର୍ଶାଅ । (ଯେକୌଣସି ୫ଟିର) **(5)**

ପାବନି, ମାଗଧ, ସାମୟିକ, ସାପୁଆ, ଶଙ୍ଖାରି, ସହରିଆ, କାଠୁରିଆ

## 'ଘ' ବିଭାଗ / Section – 'D' (45 Marks)

**Q.5)** ଆଗାମୀ ତିରିଶବର୍ଷ ମଧ୍ୟରେ ପୃଥିବୀର ଅବସ୍ଥାରେ କିପରି ବ୍ୟାପକ ପରିବର୍ତ୍ତନର ଆଶଙ୍କା ରହିଛି ବୁଝାଇ ଲେଖ ।

କିମ୍ବା **(10)**

'ମଣିଷ କିପରି ଭାଗ୍ୟର ଅଧୀନ' – ସଦୃଷ୍ଟାନ୍ତ ଆଲୋଚନା କର ।

**Q.6)** ସପ୍ରସଙ୍ଗ ସରଳାର୍ଥ ଲେଖ । **(5)**

ଭାଗ୍ୟବାଦୀମାନେ କହନ୍ତି ଯେ ପୂର୍ବଜନ୍ମକୃତ ଫଳ ହିଁ ମଣିଷ ଏ ଜନ୍ମରେ ଭୋଗ କରେ ।

କିମ୍ବା

ପୃଥିବୀ ଯନ୍ତାର ଦ୍ୱାରଦେଶରେ ପହଞ୍ଚିଛି ।

**Q.7)** ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । (ଯେକୌଣସି ୩ଟିର)

(କ) ଶିବଭକ୍ତ ରତ୍ନମୁଣିଟି ଦେଖିପାରିଲେନି କାହିଁକି ?

(ଖ) କଳକାରଖାନା ବଢ଼ିବା ଦ୍ୱାରା କି କି ଅସୁବିଧା ହୋଇଛି ?

(ଗ) ପୃଥିବୀପୃଷ୍ଠରେ ଭୂମି ନିଅଣ୍ଟ ହେବାର କାରଣ କ'ଣ ?

(ଘ) 'ଦଇବଦଉଡ଼ି'ର ଅର୍ଥ କ'ଣ ?

(ଙ) ଜଙ୍ଗଲ କ୍ଷୟ ହେତୁ ଚାଷଜମିର କି ପରିବର୍ତ୍ତନ ହେଉଛି ?

**Q.8)** ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତରଟି ବାଛି ଲେଖ । (

(କ) 'ଚତୁରବିନୋଦ'ର ସ୍ରଷ୍ଟା କିଏ ?

a) ବ୍ରଜନାଥ ବଡଜେନା b) ଉପେନ୍ଦ୍ର ଭଞ୍ଜ

c) ଅଭିମନ୍ୟୁ ସାମନ୍ତସିଂହାର d) ଦୀନକୃଷ୍ଣ ଦାସ

(ଖ) ଅଯୋଧ୍ୟାର କୁଳଗୁରୁ କିଏ ?

a) ବ୍ୟାସଦେବ b) ବଶିଷ୍ଠ

c) ବିଶ୍ୱାମିତ୍ର d) ବାମଦେବ

(ଗ) ମଣିଷ ସଂସାରରେ ଜନ୍ମ ନେବା ସହିତ କାହାକୁ ସାଙ୍ଗରେ ଧରି ଆସିଥାଏ ?

a) ଧନ b) ଶିକ୍ଷା

c) ଭାଗ୍ୟ d) ଲୋକ ସଂପର୍କ

(ଘ) କେଉଁ ଦେଶ ସର୍ବୋଚ୍ଚ ପରମାଣର ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଛାଡୁଛି ?

a) ଭାରତ b) ଚୀନ

c) ଜାପାନ d) ଆମେରିକା

**Q.9)** ସପ୍ରସଙ୍ଗ ସରଳାର୍ଥ ଲେଖ ।

ସକଳ ଭରସା ଯା'ର ତୁଟିଲାଣି
କିସ ବୋଲି ତାକୁ ଡରାଇବ ହେ ।

**କିମ୍ବା**

କର୍ମ ଜୀବନ କର୍ମ ଧରମ
କର୍ମ ମୋ ନମୋ ନମଃ ।

**Q.10)** ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । (ଯେକୌଣସି ୩ଟିର) **(2 x 3**

(କ) ଘରି ଦଉଡିର ଅର୍ଥ କ'ଣ ?

(ଖ) ଅଶୀତିବର୍ଷ ବୃଦ୍ଧାର ଶେଷ ସମ୍ବଳ କିଏ ଥିଲା ଓ ତା'ର କ'ଣ ହେଲା ?

(ଗ) ଶ୍ରମିକ ସଙ୍ଗୀତ ନଗାଇବାର କାରଣ କ'ଣ ?

(ଘ) ଶ୍ରମିକ କେଉଁ ସତ୍ୟକୁ ଜାଣେ ବୋଲି କହିଛି ?

(ଙ) 'ଭାଗ୍ୟରେ ଥିଲେ କାଲି ଘର ଯିବ ପୂରି' – ଏ କଥା କିଏ କାହାକୁ କହିଛି ?

**Q.11)** ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତରଟି ବାଛି ଲେଖ । **(1 x 4 = 4)**

(କ) 'ସବୁଥିରୁ ବଞ୍ଚିତ କରି' କବିତାର କବି କିଏ ?

a) ଗଙ୍ଗାଧର ମେହେର     b) ନନ୍ଦକିଶୋର ବଳ

c) ଲକ୍ଷ୍ମୀକାନ୍ତ ମହାପାତ୍ର     d) ରମାକାନ୍ତ ରଥ

(ଖ) କାରୁଣିକ ତଥାଗତ କିଏ ?

a) ବୁଦ୍ଧଦେବ     b) ପ୍ରଭୁ ରାମଚନ୍ଦ୍ର

c) ହନୁମାନ     d) ଇନ୍ଦ୍ର

(ଗ) ସୂର୍ଯ୍ୟ, ଚନ୍ଦ୍ର, ତାରକା ଆଦିଙ୍କୁ କିଏ ସୃଷ୍ଟି କରିଛନ୍ତି ?

a) ଛାତ୍ରସମାଜ     b) ବୈଜ୍ଞାନିକମାନେ

c) ଭଗବାନ     d) ଶିଳ୍ପୀକୁଳ

(ଘ) 'ତଥାଗତ' କିସ୍‌ସାଙ୍କୁ ମୃତ୍ୟୁରହିତ ପରିବାରରୁ କ'ଣ ସଂଗ୍ରହ କରିବା ପାଇଁ କହିଥିଲେ ?

a) ସୁନା     b) ଟଙ୍କା

c) ସୋରିଷ     d) ବିରି

**Q.12)** ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ । **(5)**

(କ) ଖାଇବା ଟେବୁଲ୍‌ରେ ବସି ଜଲିର ମାଂସ ଖାଇଲା ବେଳେ ଜମିଦାରବାବୁଙ୍କ ମନରେ କି ପ୍ରତିକ୍ରିୟା ସୃଷ୍ଟି ହେଲା ?

(ଖ) "ତା'ଠାରୁ ବିଦାୟ ନେବାର ଶକ୍ତି, ସାହସ ମୋ'ର ଯେପରି ନଥିଲା" – ଗାଳ୍ପିକ ଏପରି କହିବାର ଉଦ୍ଦେଶ୍ୟ କ'ଣ ?

(ଗ) ଶ୍ରୀହରି ଓ ଆନନ୍ଦଙ୍କ ଭୋଜନ ସମୟରେ କି ଧରଣର ବିଭ୍ରାଟ ହେଲା ?

୦୦ ☺ ୦୦

# SAMPLE QUESTION PAPER FOR SUMMATIVE ASSESSMENT – II (2011-12)
## CLASS – X
## SUBJECT – ODIA (013)
## SET – 1

**Time Allowed : 3 Hours** **Maximum Marks : 80**

ସୂଚନା :-

ଏହି ପ୍ରଶ୍ନ ପତ୍ରରେ ଯଥାକ୍ରମେ ଚାରୋଟି ବିଭାଗ ରହିଛି ।

| | | | | | | |
|---|---|---|---|---|---|---|
| (କ) | ପଠନ | - | Reading | - | 10 Marks |
| (ଖ) | ଲିଖନ | - | Writing | - | 15 Marks |
| (ଗ) | ବ୍ୟାକରଣ | - | Grammar | - | 15 Marks |
| (ଘ) | ସାହିତ୍ୟ | - | Literature | - | 40 Marks |

**'କ' ବିଭାଗ / Section – 'A'** **(10 Marks)**

**Q.1)** ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପାଠ କରି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । **(2 x 5 = 10)**

ଚତୁର୍ଦ୍ଦଶ ଶତାବ୍ଦୀରେ ଶକ୍ତି ଉପାସନାର ଅଧିକ ପ୍ରଚାର କରାଇ ଆଦିକବି ସାରଳାଦାସ ସ୍ମରଣୀୟ ହୋଇଛନ୍ତି । ତାଙ୍କ ଦ୍ୱାରା ରଚିତ ମହାଭାରତରେ ଶକ୍ତିପୂଜାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ଜଣେ ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀ ହୋଇ ସୁଦ୍ଧା, ଅନ୍ୟାନ୍ୟ ଦେବଦେବୀଙ୍କୁ ଅର୍ଚ୍ଚନା କରିପାରେ, ଏହା ମାଟିର ମହାକବି ସାରଳାଦାସ ପ୍ରମାଣ କରିଥିଲେ । ତାଙ୍କ ଲେଖନୀରେ କେବଳ ଦେବୀଙ୍କର ମହିମା ବର୍ଣ୍ଣିତ ହୋଇନାହିଁ, ତା'ସହିତ ପଞ୍ଚଦେବତାଙ୍କୁ ମଧ୍ୟ ଆରାଧନା କରାଯାଇଛି । ସଂସ୍କୃତ ମହାଭାରତର କଥାବସ୍ତୁକୁ ସେ ଗ୍ରହଣ କରି, ଏ ମାଟିର ପାଣି ପବନ ଓ ଜଳବାୟୁ ସହିତ ଚରିତ୍ରମାନଙ୍କୁ ଯେପରି ସଂଶ୍ଲିଷ୍ଟ କରିପାରିଛନ୍ତି, ତାହା ତାଙ୍କର ବୈଶିଷ୍ଟ୍ୟ । ଗାଉଁଲି ମଣିଷ ଭାବରେ ନାୟକ ନାୟିକାମାନଙ୍କୁ ସେ ଚିତ୍ରଣ କରିଛନ୍ତି । କୁମ୍ଭାରଶାଳର ଧୂଆଁ ପାଉଁଶ ଉପରେ ଦ୍ରୌପଦୀଙ୍କୁ ଶୁଆଇଛନ୍ତି । ଶାନ୍ତନୁଙ୍କ ନିକଟରେ ଗଙ୍ଗାଙ୍କୁ ଜଣେ ଗାଉଁଲି କଳିହୁଡ଼ୀ ସ୍ତ୍ରୀ ଭାବରେ ଚିତ୍ରଣ କରିବା ସଙ୍ଗେ ସଙ୍ଗେ ଗାନ୍ଧାରୀ ଓ କୁନ୍ତୀ ପ୍ରମୁଖଙ୍କୁ ମଧ୍ୟ ସ୍ନେହ ଶ୍ରଦ୍ଧାର ପ୍ରତୀକ ମାଆ ରୂପରେ ଚିତ୍ରଣ କରିଛନ୍ତି ।

ପ୍ରଶ୍ନାବଳୀ :-

(କ) ଓଡ଼ିଆ ମହାଭାରତର ସ୍ରଷ୍ଟା କିଏ ?

(ଖ) ମହାଭାରତରେ କବି ଗାନ୍ଧାରୀ ଓ କୁନ୍ତୀ ପ୍ରଭୃତିଙ୍କୁ କେଉଁ ରୂପରେ ଚିତ୍ରଣ କରିଛନ୍ତି ?

(ଗ) ସାରଳାଦାସ କେଉଁ କେଉଁ ଉପାଧିରେ ଭୂଷିତ ?

(ଘ) ଦେବୀଙ୍କ ସହ କବି ଆଉ କେଉଁମାନଙ୍କର ଆରାଧନା କରିଛନ୍ତି ?

(ଙ) ଶାନ୍ତନୁଙ୍କ ନିକଟରେ ଗଙ୍ଗାଙ୍କୁ କବି କିଭଳି ଚିତ୍ରଣ କରିଛନ୍ତି ?

## 'ଖ' ବିଭାଗ / Section – 'B' (15 Marks)

**Q.2)** ଯେ କୌଣସି ଗୋଟିଏ ବିଷୟରେ ରଚ୍‌ନା ଲେଖ । **(10)**

(କ) ମାନବର ସେବାହିଁ ମାଧବର ସେବା

(ଖ) ଦୁର୍ନୀତି ନିବାରଣରେ ଅନଶନର ଭୂମିକା

(ଗ) ପରିବେଶ ଓ ଏହାର ସୁରକ୍ଷା

**Q.3)** ତୁମ ବିଦ୍ୟାଳୟର ପାଠାଗାରକୁ କେତେକ ଉପାଦେୟ ପୁସ୍ତକ ଯୋଗାଇ ଦେବାକୁ ଅନୁରୋଧ କରି ଯେକୌଣସି ଏକ ପୁସ୍ତକ ପ୍ରକାଶନକୁ ପତ୍ର ଲେଖ ।

**କିମ୍ବା** **(5)**

ବିଦ୍ୟାଳୟର ଦରିଦ୍ରପାଣ୍ଠିରୁ ଆର୍ଥିକ ସାହାଯ୍ୟ ପାଇଁ ଅନୁରୋଧ କରି ବିଦ୍ୟାଳୟର ମୁଖ୍ୟଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

## 'ଗ' ବିଭାଗ / Section – 'C' (15 Marks)

**Q.4)** (କ) ବିଶେଷ୍ୟକୁ ବିଶେଷଣ ଓ ବିଶେଷଣକୁ ବିଶେଷ୍ୟ ପଦରେ ପରିଣତ କର । (ଯେକୌଣସି ୪ଟିର) **(4)**

ଧୂଳିଆ, ପରିଚିତ, ନୀତି, ସଂଧ୍ୟା, ନିଶା, ସୀମା

(ଖ) ବ୍ୟାସବାକ୍ୟ ସହ ସମାସର ନାମ ଲେଖ । (ଯେକୌଣସି ୪ଟିର) **(4)**

ରୁଦ୍ରସୁନ୍ଦର, ଗ୍ରାମାନ୍ତର, ଢେଉଦୋଳି, ପ୍ରତିମୂର୍ତ୍ତି, ଚନ୍ଦ୍ରଶେଖର, ଅନାଦି

(ଗ) ଶବ୍ଦଗୁଡ଼ିକର ଗଠନରୀତି ଦର୍ଶାଅ । (ଯେକୌଣସି ୪ଟିର) **(4)**

ଆଦିତ୍ୟ, ବାଲେଶ୍ୱରିଆ, ଚଳନ୍ତା, ଗାଡୁଆ, ଦାଶରଥି, ଉଠାଣି

(ଘ) ଆବଶ୍ୟକ ସ୍ଥଳେ ବିରାମ ଚିହ୍ନ ଦିଅ । **(3)**

ଖୁବ୍ ଜୋର୍‌ରେ ପାଟିକରି ମାଗୁଣିଆ କହିଲା ଶାରିଆ ତୁ ଜାଣିଛୁ କାହା ଘେନି ମୋର ଏ ଅବସ୍ଥା ଶେଷରେ ଘଡି ଟିକକରେ ପାଣି ତୋ ମୁହଁରେ ଦେବାକୁ ପଡିଲା ତୁ ମଧ୍ୟ ସେଇକଥା କହୁଛୁ ତୁମେ ଯାଅ ।

## 'ଘ' ବିଭାଗ / Section – 'D' (40 Marks)

**Q.5)** ବିଦ୍ୟା ହିଁ ଶ୍ରେଷ୍ଠ ବିଭୂତି – ଆଲୋଚ୍‌ନା କର ।

**କିମ୍ବା** **(7)**

ବିଦ୍ୟାର୍ଥୀର ଗୁଣ, କର୍ତ୍ତବ୍ୟ ଓ ମହତ୍ତ୍ୱ ସଂପର୍କରେ ଆଲୋଚ୍‌ନା କର ।

**Q.6)** ସପ୍ରସଙ୍ଗ ସରଳାର୍ଥ ଲେଖ । **(5)**

ବିଦ୍ୟାକୁ ଶ୍ରଦ୍ଧା କରି ଶିଖିଲେ ଅହଂଟା ଆପେ ଭୁଲି ହୋଇଯାଏ ।

**କିମ୍ବା**

ଗୋଟିଏ ଆଖିକୁ ତାହା ସହସ୍ର ଆଖିର ପ୍ରେରଣା ଦିଏ ।

**Q.7)** ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ବାଛି ଲେଖ । **(1 x 10 = 10)**

(କ) ନାଟ୍ୟକାର କାଳୀଚରଣ କେଉଁ ଉପାଧିରେ ଭୂଷିତ ?

a) କବିସୂର୍ଯ୍ୟ b) କବିଚନ୍ଦ୍ର

c) କବିସମ୍ରାଟ d) ଉତ୍କଳଗୌରବ

(ଖ) ବାଟରେ ଅଟକି ଯାଉଥିବା ବ୍ୟକ୍ତି କାହାର ସନ୍ଧାନ ଦେଇପାରିବ ନାହିଁ ?

a) ଅଧାବାଟର b) ନିମ୍ନଭାଗର

c) ଶିଖରର d) ସ୍ଥଳଭାଗର

(ଗ) ଓଡ଼ିଆ ସାହିତ୍ୟର ପ୍ରଥମ ନାଟକର ନାମ କ'ଣ ?

a) ଘରସଂସାର b) ରକ୍ତମାଟି

c) ଜୟମାଲ୍ୟ d) ବାବାଜୀ

(ଘ) ଚିତ୍ତରଞ୍ଜନ ଦାସଙ୍କର ଆତ୍ମଚରିତ ପୁସ୍ତକର ନାମ କ'ଣ ?

a) ମିତ୍ରସ୍ୟଚକ୍ଷୁଷା b) ଜୀବନପଥେ

c) ସାଧନାର ପଥେ d) ମୋ' ଫୁଟା ଡଙ୍ଗାର କାହାଣୀ

(ଙ) 'କନକଲତା' ଉପନ୍ୟାସର ସ୍ରଷ୍ଟା କିଏ ?

a) ଗୋପୀନାଥ ମହାନ୍ତି b) ନନ୍ଦକିଶୋର ବଳ

c) ଶାନ୍ତନୁ ଆଚାର୍ଯ୍ୟ d) ରାଜକିଶୋର ପଟ୍ଟନାୟକ

(ଚ) ହୃଦୟର ସକଳଦ୍ୱାରକୁ କିଏ ଖୋଲି ଦେଇଥାଏ ?

a) ବିଦ୍ୟା b) ପ୍ରତିପତ୍ତି

c) ସମ୍ପଦ d) କ୍ଷମତା

(ଛ) ବ୍ୟାସକବି ଫକୀରମୋହନଙ୍କର ଦ୍ୱିତୀୟ ପତ୍ନୀଙ୍କର ନାମ କ'ଣ ?

a) ପଦ୍ମମାଳୀ b) କୃଷ୍ଣକୁମାରୀ

c) କଲ୍ୟାଣୀଦେବୀ d) ଲଳିତା ଦେ

(ଜ) ଓଡ଼ିଆ ସାହିତ୍ୟର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସର ନାମ କ'ଣ ?

a) ପଦ୍ମମାଳୀ b) ଜୀଅନ୍ତା ମଣିଷ

c) ଅପରାଜିତା d) ଶତାବ୍ଦୀର ସୂର୍ଯ୍ୟ

(ଙ) ନନ୍ଦକିଶୋର ବଳ କେଉଁ କବି ଭାବେ ପରିଚିତ ?

a) ସ୍ୱଭାବକବି b) ବିଦଗ୍ଧକବି

c) ଗାଥାକବି d) ପଲ୍ଲୀକବି

(ଛ) 'ଭାତ' ନାଟକର ନାଟ୍ୟକାର କିଏ ?

a) ରତିରଞ୍ଜନ ମିଶ୍ର b) କାଳୀଚରଣ ପଟ୍ଟନାୟକ

c) ମନୋରଞ୍ଜନ ଦାସ d) ଭଞ୍ଜକିଶୋର ପଟ୍ଟନାୟକ

**Q.8)** ସପ୍ରସଙ୍ଗ ସରଳାର୍ଥ ଲେଖ ।

ସେ ତୂଳୀ ପରଶେ ବିଶ୍ୱଭଣ୍ଡାରୁ ଆସୁ ନବ ପ୍ରଭା ଛୁଟି
ବିଶ୍ୱଲଲାଟୁ ପୋଛି ହୋଇଯାଉ କ୍ଷତ ବଥା ଦୋଷ ତ୍ରୁଟି ।

**କିମ୍ବା**

ଲୁହାର ଫଉଜ ଗଲେ ଫାଟି
ମାଟିର କଙ୍କାଳ ସେ ଯେ କାହିଁ ଗଲା
ମାଟି ଖାଲି ମାଟି !!

**Q.9)** ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ବାଛି ଲେଖ ।

(କ) ଢେଙ୍କାନାଳ ଜିଲ୍ଲାର କେଉଁ ଗ୍ରାମରେ ବାଜି ରାଉତ ଜନ୍ମ ଗ୍ରହଣ କରିଥିଲା ?

a) ନୀଳକଣ୍ଠପୁର b) ଦାମୋଦରପୁର

c) ପୁରୁଷୋତ୍ତମପୁର d) ହରିପୁର

(ଖ) 'କାଶତଣ୍ଡୀ' ଫୁଲ କେଉଁ ଋତୁରେ ଫୁଟିଥାଏ ?

a) ବସନ୍ତ b) ଶୀତ

c) ଶରତ d) ଗ୍ରୀଷ୍ମ

(ଗ) ବୈଶାଖକୁ କେଉଁ ଦେବତାଙ୍କ ସଙ୍ଗେ ତୁଳନା କରାଯାଇଛି ?

a) ରୁଦ୍ର b) ବିଷ୍ଣୁ

c) ବ୍ରହ୍ମା d) ଇନ୍ଦ୍ର

(ଘ) ଗ୍ରାମ୍ୟ ପରିବେଶ ବାଡ଼ରେ କେଉଁ ଫୁଲ ଫୁଟେ ?

a) ଗେଣ୍ଡୁ b) ଅପରାଜିତା

c) ଟଗର d) ମନ୍ଦାର

(ଙ) ଶିମୁଳିଶାଖାରେ କାହାର ବାହୁନା ଶୁଣିବାକୁ ମିଳେ ?

a) ପାରା b) କୋଇଲି

c) କପୋତୀ d) ଶାରୀ

(ଚ) ଶୁଭବାର୍ତ୍ତା ପାଇବା ପାଇଁ ସାଧାରଣତଃ ବୋହୂମାନେ କାହାକୁ ଆଧାର ଦେଇଥାନ୍ତି ?

a) କାଉ b) ଚିଲ

c) କପୋତ d) ଶାରୀ

(ଛ) କବିଙ୍କୁ ମରଣତୁଲ୍ୟ ଦୁଃଖ କିଏ ଆଣି ଦେଇଛି ?

a) ପଡ଼ୋଶୀଙ୍କ କଥା b) ସାଂସାରିକ ମୋହମାୟା

c) ଦରଦାମ ବୃଦ୍ଧି d) ପଦୋନ୍ନତି ନ ପାଇବା

(ଜ) 'ବୈଶାଖ' କବିତାର କବି କିଏ ?

a) ଅନ୍ନଦା ଶଙ୍କର b) ରାଧାନାଥ ରାୟ

c) ପଦ୍ମଚରଣ ପଟ୍ଟନାୟକ d) ସଚ୍ଚି ରାଉତରାୟ

**Q.10)** ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ ।

(କ) ସୀମାଦେବୀଙ୍କୁ ବାସୁବାବୁ ମହୀୟସୀ ମହିଳା କହିବାର ତାତ୍ପର୍ଯ୍ୟ କ'ଣ ?

(ଖ) ସିସିଫସ୍ କି ପ୍ରକାରର ରାଜାଥିଲେ ବର୍ଣ୍ଣନା କର ।

(ଗ) ଉଡ଼ନ୍ତା ରଢ଼େଇ ସାଥିରେ ଟୁକନ୍ ରାୟ ଦୌଡ଼ିବାର ତାତ୍ପର୍ଯ୍ୟ କ'ଣ ଆଲୋଚନା କର ।

००☺००